# ମତ୍ସ୍ୟକର୍ମୀଙ୍କ ଅଧିକାର ସୁରକ୍ଷା ପାଇଁ ଆନ୍ତର୍ଜାତିକ ସଂସ୍ଥା (ଆଇ. ସି. ଏସ୍. ଏଫ୍. ) ଟ୍ରଷ୍ଟ

## ଏସ୍. ଏସ୍. ଏଫ୍. ମାର୍ଗଦର୍ଶିକା ଉପରେ ତାଲିମଦାତାମାନଙ୍କ ରାଷ୍ଟ୍ରୀୟ ତାଲିମ (ଟି. ଓ. ଟି. ) କର୍ମଶାଳା

**(ଭୂଖଣ୍ଡସ୍ଥ ଜଳଭାଗରେ ମତ୍ସ୍ୟଧାରଣ)**

**କର୍ମଶାଳାର ପ୍ରସଙ୍ଗ**

**ସ୍ଥାନ: ସେବା କେନ୍ଦ୍ର, କଲିକତା**

**ତାରିଖ: ୨୨-୨୪, ଡିସେମ୍ବର, ୨୦୨୨**

### ୧. ଉପକ୍ରମ

ଖାଦ୍ୟ ସୁରକ୍ଷା ଓ ଦାରିଦ୍ର୍ୟ ଦୂରୀକରଣ ପରିପ୍ରେକ୍ଷୀରେ କ୍ଷୁଦ୍ର ମତ୍ସ୍ୟ ଉଦ୍ୟୋଗର ଦୀର୍ଘସ୍ଥାୟୀ ସୁରକ୍ଷା ନିମନ୍ତେ ସ୍ୱେଚ୍ଛାମୂଳକ ଏସ୍ ଏସ୍ ଏଫ୍ ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂସ୍ଥାନ ଦ୍ୱାରା ଗଠିତ  ଫିସରି କମିଟି(କୋଫି)  ଜୁନ୍ ୨୦୧୪ରେ ତାର  ୩୧ ତମ ଅଧିବେଶନରେ ଅନୁମୋଦନ କରିଛି । ଖାଦ୍ୟ ସୁରକ୍ଷା ଓ ପୋଷଣକୁ କ୍ଷୁଦ୍ର ମତ୍ସ୍ୟ ଉଦ୍ୟୋଗର ଅବଦାନକୁ ବୃଦ୍ଧି କରିବା ଦିଗରେ ଏସ୍. ଏସ୍. ଏଫ୍. ମାର୍ଗଦର୍ଶିକା କାର୍ଯ୍ୟକାରୀ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ  । ଏହି ପ୍ରକ୍ରିୟାରେ ଏକ ଅଂଶ ସ୍ୱରୂପ  ଆଇ. ସି. ଏସ୍. ଏଫ୍. ଟ୍ରଷ୍ଟ୍  କଲିକତାରେ ଡିସେମ୍ବର ୨୨ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଏକ କର୍ମଶାଳା ଆୟୋଜନ କରୁଛି । ଆସାମ, ବିହାର, ଜାମ୍ମୁ କାଶ୍ମୀର, କେରଳ, ମହାରାଷ୍ଟ୍ର, ମଣିପୁର, ଓଡ଼ିଶା, ରାଜସ୍ଥାନ ଓ ପଶ୍ଚିମ ବଙ୍ଗରୁ ମତ୍ସ୍ୟଜୀବୀମାନଙ୍କର ମୁଖ୍ୟ ପ୍ରତିନିଧିମାନେ କର୍ମଶାଳାରେ ଯୋଗ ଦେବା ଆଶା କରାଯାଏ ।

### ୨. ପରିପ୍ରେକ୍ଷୀ

ପ୍ରାୟ ୨୦୦୦ ମସିହା ଯାଏଁ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଭାରତର ସମୁଦାୟ ମତ୍ସ୍ୟ ଉତ୍ପାଦନର ଏକ ମୁଖ୍ୟ ଭାଗ ଥିଲା । ଭାରତରେ ୨୦୨୧-୨୨ ବର୍ଷରେ ଭୂଖଣ୍ଡସ୍ଥିତ ଜଳଭାଗରୁ ମତ୍ସ୍ୟ ଉତ୍ପାଦନ ସମୁଦାୟ ମତ୍ସ୍ୟ ଉତ୍ପାଦନ ୧୪.୭୩ ନିୟୁତ ମେଟ୍ରିକ ଟନ୍ ର ତିନି ଚତୁର୍ଥାଂଶରୁ ଊର୍ଦ୍ଧ୍ୱରେ । ୧.୨୪ ନିୟୁତ ମତ୍ସ୍ୟଜୀବୀ ଜୀବିକାପାଇଁ ଭୂଖଣ୍ଡସ୍ଥିତ ଜଳଭାଗ ଉପରେ ନିର୍ଭର କରନ୍ତି ।  ଭୂଖଣ୍ଡସ୍ଥିତ ଜଳଭାଗରୁ ମତ୍ସ୍ୟଧାରଣ କ୍ଷେତ୍ରରେ ଅଭିବୃଦ୍ଧି ଘଟିଥିବା ସତ୍ତ୍ୱେ ଭାରତର ଭୂଖଣ୍ଡସ୍ଥିତ ବ୍ୟାପକ ଜଳ ସମ୍ବଳର ସର୍ବୋତ୍ତମ ବିନିଯୋଗ ଏପର୍ଯ୍ୟନ୍ତ ହୋଇନାହିଁ ।

ଭୂଖଣ୍ଡସ୍ଥିତ ଜଳଭାଗ ଓ ସେଥିରୁ ମତ୍ସ୍ୟଧାରଣ ଭାରତୀୟ ସମ୍ବିଧାନର ଦ୍ୱିତୀୟ ସୂଚୀ (ରାଜ୍ୟ ସୂଚୀ, ପ୍ରବିଷ୍ଟି ୨୧)ର ଅନ୍ତର୍ଗତ ଏବଂ ଏ ସମ୍ବନ୍ଧୀୟ ନିୟମ ପ୍ରଣୟନ ରାଜ୍ୟ ସରକାରଙ୍କ ପରିସରବଦ୍ଧ । ନର୍ମଦା, କାବେରୀ, କୃଷ୍ଣା ଓ ବ୍ରହ୍ମପୁତ୍ର ପରି ଏକାଧିକ ରାଜ୍ୟରେ ପ୍ରବାହିତ ହେଉଥିବା ନଦୀମାନଙ୍କ ଜଳ ସମ୍ବଳ ସମ୍ବନ୍ଧୀୟ ବିବାଦ ପ୍ରସଙ୍ଗରେ ନିର୍ଣ୍ଣୟ କେନ୍ଦ୍ର ସୂଚୀର ଅନ୍ତର୍ଗତ ।

ଭୂଖଣ୍ଡସ୍ଥ ଜଳଭାଗରୁ ମତ୍ସ୍ୟଧାରଣ ଉଦ୍ୟୋଗର ବହୁବିଧ ସମସ୍ୟା ରହିଛି ଯଥା ଅତ୍ୟଧିକ ମତ୍ସ୍ୟଧାରଣ, ପ୍ରଦୂଷଣ, ପାରିବେଶିକ ଅବକ୍ଷୟ, ଜଳଭାଗକୁ ପ୍ରବେଶ କରିବାରେ ଅସୁବିଧା, ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ଇତ୍ୟାଦି । ଉପଭୋକ୍ତା ମାନଙ୍କୁ ମତ୍ସ୍ୟ ଉପଲବ୍ଧତାରେ ବିଷମତା, ସମ୍ବଳ ପରିଚାଳନାରେ ବିବିଧତା, ଦୁର୍ବଳ ପ୍ରଶାସନ ମଧ୍ୟ ବାଧା ସୃଷ୍ଟି କରୁଛି ।

**୩. ପୃଷ୍ଠଭୂମି**

ଏସ୍. ଏସ୍. ଏଫ୍. ମାର୍ଗଦର୍ଶିକାର ଉଦ୍ଦେଶ୍ୟ ହେଲା ଯେପରି କ୍ଷୁଦ୍ର ମତ୍ସ୍ୟଜୀବୀମାନେ ମନମୁଖୀ ଭାବରେ ଉଚ୍ଛେଦ ନ ହୁଅନ୍ତୁ ଓ ନିଜର

ନ୍ୟାୟସଙ୍ଗତ ମତ୍ସଧାରଣ ଅଧିକାରରୁ ବଞ୍ଚିତ ନ ହୁଅନ୍ତୁ । କ୍ଷୁଦ୍ର ମତ୍ସ୍ୟ ଉଦ୍ୟୋଗୀମାନଙ୍କ ସମସ୍ୟା ସମାଧାନ ଦିଗରେ ରାଜ୍ୟ ସରକାର ସେମାନେ କିପରି ନିରପେକ୍ଷ, ଉପଯୁକ୍ତ ନ୍ୟାୟିକ ଓ ପ୍ରଶାସନିକ ପଦ୍ଧତି ଜରିଆରେ ନ୍ୟାୟ ପାଇବେ ତାର ବ୍ୟବସ୍ଥା କରନ୍ତୁ । ବଡ଼ ବିକାଶମୂଳକ ଯୋଜନାରେ ସେମାନେ ବିବାଦ ସମାଧାନ ପାଇଁ କେଉଁ ନ୍ୟାୟିକ ଓ ପ୍ରଶାସନିକ ପ୍ରକ୍ରିୟାର ଆଶ୍ରୟ ନେଇପାରିବେ, ତାହା ମାର୍ଗଦର୍ଶିକାରେ ସୁନିଶ୍ଚିତ କରାଯାଇଛି । ପ୍ରକଳ୍ପରେ ପ୍ରଭାବିତ ମତ୍ସ୍ୟଜୀବୀ ଓ ମତ୍ସ୍ୟକର୍ମୀ କିପରି ଯଥାର୍ଥ କ୍ଷତିପୂରଣ ପାଇବେ (ପାରା ୫.୧୧) ତାହା ମଧ୍ଯ ଦର୍ଶାଯାଇଛି ।

ସୁରକ୍ଷିତ ଅଞ୍ଚଳ ଓ ବିକଳ୍ପ ଜୀବିକା ସନ୍ଦର୍ଭରେ ଏସ୍. ଏସ୍. ଏଫ୍. ମାର୍ଗଦର୍ଶିକା ଯୋଜନା ପ୍ରସ୍ତୁତି ଓ ତାକୁ କାର୍ଯ୍ୟକାରୀ କରିବାରେ ମତ୍ସ୍ୟଜୀବୀ ସମ୍ପ୍ରଦାୟର ଅଂଶ ଗ୍ରହଣ ସୁନିଶ୍ଚିତ କରିବା ଦୃଷ୍ଟି ଆକର୍ଷଣ କରିବ (ପାରା ୫.୧୫)। ମତ୍ସ୍ୟ କେନ୍ଦ୍ରର ଋତୁକାଳୀନ ବନ୍ଦ ସମୟରେ ମତ୍ସ୍ୟଜୀବୀମାନଙ୍କ କିଭଳି କ୍ଷତି ପୂରଣ ଦିଆଯିବ, ସେମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯିବ, ତାହା ମାର୍ଗଦର୍ଶିକାରେ ସୂଚୀତ (ପାରା ୬.୩)।

ଏସ୍. ଏସ୍. ଏଫ୍. ମାର୍ଗଦର୍ଶିକାରେ କ୍ଷୁଦ୍ର ମତ୍ସ୍ୟଜିବୀମାନଙ୍କ ମତ୍ସ୍ୟଧାରଣ ଅଧିକାର, ସମୁଦ୍ରରୁ ମତ୍ସ୍ୟଧାରଣର ପାରମ୍ପରିକ ଅଧିକାର ଆଇନ୍ ଜରିଆରେ କିପରି ସୁରକ୍ଷିତ କରାଯିବ ଏହା ଉଲ୍ଲିଖିତ । ଏଥିରେ ମହିଳାମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି । ଏଭଳି ଉପାୟ ଚିହ୍ନଟ କରାଯିବ, ଲିପିବଦ୍ଧ କରାଯିବ ଓ ପାଳନ କରାଯିବ । ରାଜ୍ୟ ସରକାର ସାମୁହିକ ଭାବରେ ପରିଚାଳିତ ଓ ବ୍ୟବହୃତ ଜଳ ସମ୍ବଳକୁ ସ୍ୱୀକୃତି ଦେବେ ଓ ସର୍ବସାଧାରଣଙ୍କ ଅଧିକାରକୁ ମାନ୍ୟତା ଦେବେ (ପାରା ୫.୬)। ପୁନଶ୍ଚ ରାଜ୍ୟ ସରକାର ଜାତୀୟ ପରିସରବଦ୍ଧ ଜଳଭାଗରେ ପ୍ରବେଶ ପାଇଁ କ୍ଷୁଦ୍ର ମତ୍ସ୍ୟ ଉଦ୍ୟୋଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଅନୁମତି ଦେବେ ଓ ସେମାନଙ୍କ ପାଇଁ ପାଇଁ ସ୍ୱତନ୍ତ୍ର ଜୋନ୍ ସୃଷ୍ଟି କରିବେ ।

**୪. କର୍ମଶାଳାର ଉଦ୍ଦେଶ୍ୟ**

ଏହି କର୍ମଶାଳା ମତ୍ସ୍ୟକର୍ମୀ ସଂସ୍ଥା, ସି. ଏସ୍. ଓ. ଏବଂ ସମ୍ପ୍ରଦାୟଭିତ୍ତିକ ସଂସ୍ଥା ସୁଦୃଢ଼ କରିବ ଯେପରିକି ସେମାନେ ଏସ୍. ଏସ୍. ଏଫ୍. ମାର୍ଗଦର୍ଶିକା ଅବଲମ୍ବନରେ ସେମାନେ ନିଜର ଜୀବନ, ଜୀବିକା ତତ୍ ସମ୍ବନ୍ଧୀୟ ନୀତି, ଆଇନ୍ ସହ ଜଡ଼ିତ ସମସ୍ୟାର ସମାଧାନ ସମ୍ବଳ ପରିଚାଳନା ଓ ସାମାଜିକ ବିକାଶର ଢାଞ୍ଚା ଭିତରେ କରି ପାରିବେ ।

**୫. କର୍ମଶାଳାର ଲକ୍ଷ୍ୟ**

(କ) ଏସ୍. ଏସ୍. ଏଫ୍. ମାର୍ଗଦର୍ଶିକା ଅନୁଯାୟୀ ମହିଳାମାନଙ୍କ ସମେତ କ୍ଷୁଦ୍ର ମତ୍ସ୍ୟଜିବୀ, ମତ୍ସ୍ୟକର୍ମୀ ଓ ମତ୍ସ୍ୟଜିବୀ ସମ୍ପ୍ରଦାୟର ରାଜ୍ୟ ଓ ସ୍ଥାନୀୟ ସ୍ତରରେ ଦାୟିତ୍ବପୂର୍ଣ୍ଣ ପ୍ରଶାସନ ଜରିଆରେ ଭୂଖଣ୍ଡସ୍ଥ ଜଳଭାଗ ଓ ନିକଟସ୍ଥ(ସଂଲଗ୍ନ) ଅଞ୍ଚଳରେ ପ୍ରବେଶ ସମ୍ବନ୍ଧୀୟ ସମସ୍ୟାର ଅବଗତି

(ଖ) ବର୍ତ୍ତମାନ ପ୍ରଚଳିତ ଯୋଜନା ଓ କ୍ଷୁଦ୍ର ମତ୍ସ୍ୟ ଉଦ୍ୟୋଗୀମାନଙ୍କ ଜୀବିକା ସୁରକ୍ଷା ପାଇଁ କି ପ୍ରାବଧାନ ରହିଛି, ତାହା ହୃଦବୋଧ କରିବା ।

(ଗ) କ୍ଷୁଦ୍ର ମତ୍ସ୍ୟଜିବୀ ଓ ମତ୍ସ୍ୟକର୍ମୀମାନଙ୍କ ସହ ସଂପୃକ୍ତ ନୀତିର ପ୍ରଭାବ ( ଉଦାହରଣ ସ୍ୱରୂପ ଜାତୀୟ ମତ୍ସ୍ୟ ନୀତି, ୨୦୨୦, ଭୂଖଣ୍ଡସ୍ଥ ଜଳଭାଗରେ ମତ୍ସ୍ୟ ଧାରଣ ଉପରେ ରାଜ୍ୟ ସ୍ତରୀୟ ଆଇନ ) ବିଷୟରେ ଆଲୋଚନା

**୬. ପଦ୍ଧତି**

ମତ୍ସ୍ୟକର୍ମୀ ସଂସ୍ଥାମାନଙ୍କର ଆବଶ୍ୟକତା ଅନୁଧ୍ୟାନ ପରେ ଟିଓଟି କର୍ମଶାଳାର ରୂପରେଖ ପ୍ରସ୍ତୁତ କରାଯାଇଛି ।ଗୋଷ୍ଠୀଗତ କାମ ଙ୍କର ଟିଓଟି କର୍ମଶାଳାରେ ନିମିତ୍ତ ସମ୍ବଳ ରୂପରେଖ ପ୍ରସ୍ତୁତ କରାଯାଇଛି । ତାଲିମଦାତାମାନେ ବାସ୍ତବ ସମସ୍ୟାସବୁ ଚର୍ଚ୍ଚାରେ ରଖିବେ ଓ ଅଂଶଗ୍ରହଣକାରୀମାନଙ୍କ ଗ୍ରୁପ୍ ଗଠନ କରି ତାର ସମାଧାନର ପନ୍ଥା ନିର୍ଣ୍ଣୟ କରିବାକୁ ଦାୟିତ୍ୱ ନ୍ୟସ୍ତ କରିବେ । ପ୍ରତି ବିଷୟ ବୁଝିବା ପାଇଁ ଅନେକ ପ୍ରାସଙ୍ଗିକ ଦସ୍ତାବେଜ୍ ଓ ପାୱାର୍-ପଏଣ୍ଟ୍ ପ୍ରେଜେଣ୍ଟେସନ୍ ଯୋଗାଇଦିଆଯିବ । ଏହି ଟି.ଓ.ଟି. କର୍ମଶାଳାର (ଭୂଖଣ୍ଡସ୍ଥ ଜଳଭାଗରେ ମତ୍ସ୍ୟ ଧାରଣ ) ପରେ ପରେ ଭାରତର ଅନେକ ରାଜ୍ୟରେ ଏକ ଦିନିକିଆ ତାଲିମ କର୍ମଶାଳା ଅନୁଷ୍ଠିତ ହେବ ଓ ବର୍ତ୍ତମାନର କର୍ମଶାଳାରେ ତାଲିମପ୍ରାପ୍ତ ପ୍ରତିନିଧି ମାନେ ସେଥିରେ ତାଲିମ ପ୍ରଦାନର ନେତୃତ୍ୱ ଗ୍ରହଣ କରିବେ ।

**୭. ଅପେକ୍ଷିତ ପରିଣାମ**

ଭୂଖଣ୍ଡସ୍ଥ ଜଳଭାଗ ଉପରେ ନିର୍ଭରଶୀଳ କ୍ଷୁଦ୍ର ମତ୍ସ୍ୟଜିବୀଙ୍କୁ ଶକ୍ତିଶାଳୀ କରି ଏସ୍. ଏସ୍. ଏଫ୍. ମାର୍ଗଦର୍ଶିକା ଲାଗୁ କରିବା ପାଇଁ ସକ୍ରିୟ ଭାବେ କାମ କରିବା ଓ ଦୀର୍ଘକାଳୀନ ଭିତ୍ତିରେ ମତ୍ସ୍ୟଧାରଣର ବ୍ୟବସ୍ଥା ସୁନିଶ୍ଚିତ କରିବା ।

ଅଧିକ ସୂଚନା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ ।

Nivedita Shridhar

ICSF Trust, First Floor, 22

Venkatrathinam Nagar, Adyar

Chennai 600020

E-mail: icsf@icsf.net

Telephone: 044-24451216